**<u>ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟ, ଅମ୍ବାଭୋନା</u>**

**ବିଜ୍ଞାପନ ସଂଖ୍ୟା: ୬୭୨ ତା: ୨୫-୧୧-୨୦୨୫**

ଏତଦ ଦ୍ୱାରା ଅମ୍ବାଭୋନା ପଞ୍ଚାୟତ ସମିତି ଅଧିନସ୍ଥ ନିମ୍ନଲିଖିତ ଗ୍ରାମପଞ୍ଚାୟତ ଅନ୍ତର୍ଗତ ରାଜସ୍ୱ ଗ୍ରାମ ମାନଙ୍କର ଅଙ୍ଗନୱାଡି କେନ୍ଦ୍ରାଞ୍ଚଳର ସର୍ବସାଧାରଣଙ୍କର ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ନିମ୍ନଲିଖିତ ଖାଲି ରହିଥିବା ଅଙ୍ଗନୱାଡି କେନ୍ଦ୍ରର ସହାୟିକା ପଦବୀ ପୂରଣ ନିମନ୍ତେ ସମ୍ପୃକ୍ତ ଅଙ୍ଗନୱାଡି କେନ୍ଦ୍ରାଞ୍ଚଳର ମହିଳା ପ୍ରାର୍ଥିନୀ ମାନଙ୍କଠାରୁ ଅନଲାଇନ ***(ONLINE)*** ମାଧ୍ୟମରେ ନିମ୍ନୋକ୍ତ ୱେବସାଇଟ ***(WEBSITE)*** ରେ ତାରିଖ **୨୬/୧୧/୨୦୨୫** ଠାରୁ ଦରଖାସ୍ତ ଆହ୍ୱାନ କରାଯାଉଅଛି । ଉକ୍ତ ପଦବୀ ନିମନ୍ତେ ଆବେଦନର ଶେଷ ତାରିଖ **୧୦/୧୨/୨୦୨୫** ପର୍ଯ୍ୟନ୍ତ ଅଟେ । ଦରଖାସ୍ତ ଗ୍ରହଣର ନିର୍ଧାରିତ ତାରିଖ ପରେ କୌଣସି ପ୍ରାର୍ଥିନୀ ଉକ୍ତ ପଦବୀ ପାଇଁ ଆବେଦନ କରିପାରିବେ ନାହିଁ । ତେଣୁ ସମ୍ପୃକ୍ତ କେନ୍ଦ୍ରାଞ୍ଚଳର ଇଚ୍ଛୁକ ପ୍ରାର୍ଥିନୀମାନଙ୍କୁ ଅନୁରୋଧ ଯେ, ସେମାନେ ଧାର୍ଯ୍ୟ ତାରିଖ ମଧ୍ୟରେ ***<u>କେବଳ ଅନଲାଇନ (ONLINE) ମାଧ୍ୟମରେ ଦରଖାସ୍ତ ଆବେଦନ କରନ୍ତୁ</u>*** ।

ନିମ୍ନରେ ସମ୍ପୂର୍ଣ ବିବରଣୀ ଦିଆଗଲା ।

***<u>ବିବରଣୀ ସାରଣୀ</u>***

| କ୍ର.ନଂ. | ଗ୍ରାମପଞ୍ଚାୟତର ନାମ | ବର୍ତ୍ତମାନ କାର୍ଯ୍ୟକରୁଥିବା ଅଙ୍ଗନୱାଡି କେନ୍ଦ୍ରର ନାମ | ଖାଲିଥିବା ଅଙ୍ଗନୱାଡି କେନ୍ଦ୍ରର ନାମ | କେନ୍ଦ୍ରାଞ୍ଚଳ କାହା ଠାରୁ କାହା ପର୍ଯ୍ୟନ୍ତ | ମାତା / ମାତା ବିହୀନ ଅଞ୍ଚଳ |
|---|---|---|---|---|---|
| ୧ | ରୁଚିଦା | ନାରଙ୍ଗପୁର | ନାରଙ୍ଗପୁର | ନାରଙ୍ଗପୁର | |

***<u>ଅଙ୍ଗନୱାଡି ସହାୟିକା ପଦବୀ ପାଇଁ ଆବଶ୍ୟକ ଯୋଗ୍ୟତା</u>***

୧. ପ୍ରାର୍ଥିନୀ ଅଙ୍ଗନୱାଡ଼ି କର୍ମୀ ଦ୍ୱାରା ଗ୍ରହଣୀୟ ହେବା ଉଚିତ ଏବଂ ଅ:କେନ୍ଦ୍ର ପରିସରର ସ୍ଥାୟୀ ବାସିନ୍ଦା ହୋଇଥିବ ।

୨. ପ୍ରାର୍ଥୀନୀଙ୍କର ବୟସ ତା-୦୧.୦୧.୨୦୨୫ସୁଦ୍ଧା ୧୮ ବର୍ଷରୁ କମ ଏବଂ ୩୫ ବର୍ଷରୁ ଉର୍ଦ୍ଧ୍ୱ ହୋଇନଥିବା ଆବଶ୍ୟକ ।

୩. ପ୍ରାର୍ଥୀନୀଙ୍କର ଶିକ୍ଷାଗତ ଯୋଗ୍ୟତା ଅନ୍ୟୂନ **ଉଚ୍ଚ ମାଧ୍ୟମିକ (+୨)** ହୋଇଥିବା ଆବଶ୍ୟକ । ଓଡ଼ିଆ ମାତୃ ଭାଷା ର ଜ୍ଞାନ ଥିବ ଅର୍ଥାତ ଓଡ଼ିଆ ରେ ସପଷ୍ଟ ଭାବରେ ଲେଖି ଓ ପଢ଼ି ଜାଣି ଥିବା ବାଧ୍ୟତା ମୂଳକ ଅଟେ । ଶିକ୍ଷାଗତ ଯୋଗ୍ୟତା ର ପ୍ରମାଣ ପତ୍ରରେ ଓଡ଼ିଆ ଏକ ବିଷୟ ରୂପେ ପାସ୍ କରିଥିବେ କିମ୍ବା ସପ୍ତମ ଶ୍ରେଣୀରେ ଓଡ଼ିଆ ଭାଷାରେ ପାସ୍ କରିଥିବା ପ୍ରମାଣ ପତ୍ର ଦାଖଲର ପ୍ରାବଧାନ ରହିଅଛି ।

୪. ପ୍ରାର୍ଥିନୀ ଉକ୍ତ ଅଙ୍ଗନୱାଡି କେନ୍ଦ୍ର ପରିସର ଭୁକ୍ତ ହୋଇଥିବେ । ଯଦି ଉକ୍ତ ଗ୍ରାମରେ ଶିକ୍ଷାଗତ ଯୋଗ୍ୟତା ଅନୁସାରେ କୌଣସି ପ୍ରାର୍ଥୀନୀ ଉପଲବ୍ଧ ହେଉନାହାନ୍ତି ତେବେ ମୁଖ୍ୟ ଗ୍ରାମର ଶିକ୍ଷାଗତ ଯୋଗ୍ୟତା ଭିତ୍ତିକ ପ୍ରାର୍ଥିନୀ ଉକ୍ତ ପଦବି ପାଇଁ ଆବେଦନ କରି ପାରିବେ ।

୫. ପ୍ରାର୍ଥୀନୀ ତଫସିଲଭୁକ୍ତ ଜାତି ,ତଫସିଲଭୁକ୍ତ ଜନଜାତି, ବିଧବା, ସ୍ୱାମୀ ପରିତ୍ୟକ୍ତା, ଅନାଥ, ହୋଇଥିଲେ ଅଙ୍ଗନୱାଡି ସହାୟିକା ଚୟନ ସମ୍ୱନ୍ଧିତ ନିର୍ଦ୍ଦେଶାବଳୀ ଅନୁଯାୟୀ ଅତିରିକ୍ତ ମୂଲ୍ୟାଙ୍କ ପ୍ରଦାନ କରିବାର ପ୍ରାବଧାନ ରହିଅଛି। ଯୁକ୍ତଦୁଇରୁ ତଦୁର୍ଦ୍ଧ୍ୱ ପାସ କରିଥିଲେ ମଧ୍ୟ ଅତିରିକ୍ତ ମୂଲ୍ୟାଙ୍କ ପ୍ରଦାନ କରିବାର ପ୍ରାବଧାନ ରହିଅଛି ।

୬. ପ୍ରାର୍ଥିନି ଶିଶୁ ମାନଙ୍କ ପାଇଁ ଖାଦ୍ୟ ରନ୍ଧନ ଓ ବଣ୍ଟନ କରିବା ସହିତ ଅଙ୍ଗନୱାଡ଼ି କେନ୍ଦ୍ରର ଦୈନନ୍ଦିନ କାର୍ଯ୍ୟ କରିବା ପାଇଁ ଇଚ୍ଛା ପ୍ରକାଶ କରୁଥିବେ ।

୭.	ସହାୟିକାଙ୍କ ମୂଲ୍ୟାୟନ କରିବା ଅଧିକାର ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀଙ୍କ ରହିଅଛି । ସେ ଯେ କୌଣସି ସମୟରେ ବିନା କାରଣ ଦର୍ଶାଇ ସହାୟିକାକୁ କାର୍ଯ୍ୟରୁ ବହିଷ୍କାର କରିପାରିବେ ।

## ଅଙ୍ଗନୱାଡି ସହାୟିକା ପଦବୀ ପାଇଁ ଆବଶ୍ୟକ ପ୍ରମାଣପତ୍ର

୧.	ସ୍ଥାୟୀ ବାସିନ୍ଦା ପ୍ରମାଣପତ୍ର

୨.	ଜାତିଗତ ବାସିନ୍ଦା ପ୍ରମାଣପତ୍ର

୩.	ଶିକ୍ଷ୍ୟାଗତ ଯୋଗ୍ୟତା ପ୍ରମାଣପତ୍ର

୪.	ଶିକ୍ଷ୍ୟାଗତ ଯୋଗ୍ୟତା ଥିବା ମାର୍କ ତାଲିକା ପ୍ରମାଣପତ୍ର

୫.	ଉଚ୍ଚଶିକ୍ଷ୍ୟାର ପ୍ରମାଣପତ୍ର

୬.	ବିଧବା / ସ୍ୱାମୀ ପରିତ୍ୟକ୍ତା / ଅନାଥ ସମ୍ବନ୍ଧୀୟ ପ୍ରମାଣପତ୍ର

## ଅନଲାଇନ ଦରଖାସ୍ତ ଆବେଦନ ପାଇଁ ସମ୍ପୂର୍ଣ୍ଣ ବିବରଣୀ

ପଦବୀର ନାମ :- ଅଙ୍ଗନୱାଡି ସହାୟିକା

ଅନଲାଇନ କରିବା ନିମନ୍ତେ ୱେବସାଇଟ :- *http //engagement-awc.odisha.gov.in*

## ଚୟନ ପ୍ରକ୍ରିୟା

ସରକାରଙ୍କ ନିର୍ଦ୍ଦେଶାବଳି ସଂଖ୍ୟା -୪୯୭୨/ wcd- ତା ୧୫.୦୩.୨୦୨୩ ଅନୁଯାୟୀ ପ୍ରାର୍ଥୀନୀଙ୍କ ଶିକ୍ଷାଗତ ଯୋଗ୍ୟତା ଏବଂ ଅତିରିକ୍ତ ଯୋଗ୍ୟତା ସମ୍ବନ୍ଧୀତ ପ୍ରମାଣ ପତ୍ର ଆଧାରରେ ସମୁଦାୟ ପ୍ରାପ୍ତାଙ୍କ ମୂଲ୍ୟାୟନ କରାଯାଇ ସର୍ବୋଚ୍ଚ ପ୍ରାପ୍ତାଙ୍କ ଧାରୀଙ୍କର ଦରଖାସ୍ତ ସମ୍ପୃକ୍ତ କର୍ମୀ ଚୟନ ନିମନ୍ତେ ବିଚାରକୁ ନିଆଯିବ ।

## ବିଶେଷ ଦ୍ରଷ୍ଟବ୍ୟ

୧.	ଅସମ୍ପୂର୍ଣ୍ଣ /ଅପ୍ରାସଙ୍ଗିକ ତଥ୍ୟ ଥିବା ଦରଖାସ୍ତ ନାକଚ କରିଦିଆଯିବ ।

୨.	ଆବେଦନକାରୀ ସାର୍ଟିଫିକେଟ ଯାଞ୍ଚ ନିମନ୍ତେ ତା <u>୧୧/୧୨/୨୦୨୫ ରିଖ ଦିନ ୧୧.୦୦ ଘଟିକା</u> ସମୟରେ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ଅମ୍ବାଭୋନାଙ୍କ କାର୍ଯ୍ୟାଳୟରେ ସମସ୍ତ ମୂଳ ପ୍ରମାଣ ପତ୍ର ସହ ଉପସ୍ଥିତ ରହିବେ ।

୩.	ବିନା କୌଣସି କାରଣରେ ଏହି ବିଜ୍ଞାପନ ରଦ୍ଦ କରିବାର କ୍ଷମତା ନିମ୍ନ ସ୍ୱାକ୍ଷର କାରିଣୀଙ୍କର ରହିଛି ।

ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ,
ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ
ଅମ୍ବାଭୋନା

ପରିପତ୍ର ସଂଖ୍ୟା - ୬୭୬ ତାରିଖ - 25.11.25

ଏହାର ଏକକିତା ଅବିକଳ ନକଲ କାର୍ଯ୍ୟାଳୟ ନୋଟିସ ବୋର୍ଡ ଏବଂ ଚିହ୍ନିତ ନକଲ ଗ୍ରାମ ପଞ୍ଚାୟତ ତଥା ଗ୍ରାମବାସୀ ଙ୍କ ଅବଗତି ନିମନ୍ତେ ଓ ବହୁଳ ପ୍ରଚାର ପ୍ରସାର ନିମନ୍ତେ ପ୍ରେରଣ କରାଗଲା ।

ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ,
ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ
ଅମ୍ବାଭୋନା

ପରିପତ୍ର ସଂଖ୍ୟା - ୬୭୭ ତାରିଖ- 25.11.25

ଏହାର ଏକାକିତା ଅବିକଳ ନକଲ ଉପ-ଜିଲ୍ଲାପାଳ, ବରଗଡ଼ / ଜିଲ୍ଲା ସମାଜ ମଙ୍ଗଳ ଅଧିକାରି ବରଗଡଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ,
ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ
ଅମ୍ବାଭୋନା

ପରିପତ୍ର ସଂଖ୍ୟା -୬୭୮ ତାରିଖ- 25.11.25

ଏହାର ଏକକିତ ଅବିକଳ ନକଲ ଗୋଷ୍ଠୀ ଉନ୍ନୟନ ଅଧିକାରୀ ,ଅମ୍ବାଭୋନାଙ୍କ କାର୍ଯ୍ୟାଳୟ ନୋଟିସ ବୋର୍ଡ / ସମ୍ପୃକ୍ତ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ନୋଟିସ ବୋର୍ଡ ରେ ସର୍ବ ସାଧାରଣ ଙ୍କ ଅବଗତି ନିମନ୍ତେ ଅଧିସୂଚନା ଜାରି କରାଗଲା ।

ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ,
ଅମ୍ବାଭୋନା
ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ
ଅମ୍ବାଭୋନା